# ନିଲାମ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ ଆସନ୍ତା ୩୦.୦୭.୨୦୨୧ ରିଖ ପୂର୍ବାହ୍ନ ୯ ଘଟିକା ସମୟରେ ବୌଦ୍ଧ ଗବ୍ୟଶାଳାରେ ୧୦ ଗୋଟି ଗାଈ, ୦୨ ଗୋଟି ଛଡା ଓ ୦୬ ଟି ଅଣ୍ଡିରା ବାଛୁରୀ ପ୍ରକାଶ୍ୟରେ ନିଲାମ କରାଯିବ । ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଉପରୋକ୍ତ ତାରିଖ ଏବଂ ସମୟରେ ପୁରାତନ ପ୍ରାଣୀ ଚିକିତ୍ସାଳୟରେ ଉପସ୍ଥିତ ରହି ନିଲାମ ଡାକି ପାରିବେ । ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ଅଗ୍ରୀମ ଟ. ୧୦୦.୦୦ ଟଙ୍କା (ଏକ ଶହ ଟଙ୍କା) ମାତ୍ର ଦିବା ଘ. ୮.୫୫ ମିନିଟ ମଧ୍ୟରେ ଦାଖଲ କରି ସେମାନଙ୍କ ନାମ ପଞ୍ଜିକୃତ କରାଇବେ । ଦିବା ୮ ଘ.୫୫ ମି ପରେ ଆଉ ନାମ ପଞ୍ଜିକୃତ କରାଯିବ ନାହିଁ । କିମ୍ବା ଅଗ୍ରୀମ ଟଙ୍କା ରଖାଯିବ ନାହିଁ । ନିଲାମ କାର୍ଯ୍ୟ ସଂପାଦନ ହୋଇସାରିଲା ପରେ ପଞ୍ଜିକୃତ ହୋଇଥିବା ବ୍ୟକ୍ତିମାନଙ୍କ ଅଗ୍ରୀମ ଟଙ୍କା ଫେରସ୍ତ ଦିଆଯିବ । ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତି ନିଲାମ ସିଦ୍ଧ ଟଙ୍କା ସଂଗେ ସଂଗେ ଦାଖଲ କରିବା ଏବଂ ନିଲାମ ଲବ୍ଧ ପ୍ରାଣୀକୁ ତୁରନ୍ତ ଅପସାରଣ କରିବେ । କୌଣସି ବ୍ୟକ୍ତିର ଡାକ ବା ନିଲାମକୁ ଆସିଥିବା ପ୍ରାଣୀର ଡାକ ମୂଲ୍ୟ ଉପଯୁକ୍ତ ବିବେଚିତ ନ ହେଲେ ଉକ୍ତ ନିଲାମ ରଦ୍ଦ କରିବା ଅଧିକାର ନିଲାମ କାର୍ଯ୍ୟକାରୀ କମିଟିର ଇଚ୍ଛାଧୀନ ଅଟେ । ନିଲାମ ପାଇଁ ଉଦ୍ଧିଷ୍ଟ ପ୍ରାଣୀମାନଙ୍କର ସବିଶେଷ ବିବରଣୀ ସଂପୃକ୍ତ ଭାରପ୍ରାପ୍ତ ଅଧିକାରୀ ଗବ୍ୟାଶାଳ ବୌଦ୍ଧଙ୍କ ଠାରୁ ଯେ କୌଣସି କାର୍ଯ୍ୟ ଦିବସରେ ନିର୍ଦ୍ଧାରିତ ସମୟରେ ପାଇପାରିବେ ।

(ସ୍ୱାକ୍ଷର) ୧୯.୦୭.୨୦୨୧

ଭାରପ୍ରାପ୍ତ ଅଧିକାରୀ
ଗବ୍ୟଶାଳ, ବୌଦ୍ଧ

ବିଦ୍ର: ସମଗ୍ର ନିଲାମ୍ ପ୍ରକ୍ରିୟା ସାମାଜିକ ଦୂରତ୍ୱ ଅବଲମ୍ବନ କରି କରାଯିବ ।

ପତ୍ର ସଂଖ୍ୟା ୧୮ // ତାରିଖ ୧୯.୦୭.୨୦୨୧

ଏହାର ଏକାକିତା ନକଲ ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ( ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ) ବୌଦ୍ଧଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୧୯.୦୭.୨୦୨୧

ଭାରପ୍ରାପ୍ତ ଅଧିକାରୀ
ଗବ୍ୟଶାଳା, ବୌଦ୍ଧ

ପତ୍ର ସଂଖ୍ୟା ........................ // ତାରିଖ..........................

ଏହାର ଏକାକିତା ନକଲ ସମସ୍ତ ପ୍ରାଣୀ ସମ୍ବଳ ସହାୟକ କେନ୍ଦ୍ର/ ପ୍ରାଣୀ ଚିକିତ୍ସାଳୟ/ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ/ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ/ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ/ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ/ ନିର୍ଦ୍ଦେଶକ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ, ଓଡିଶା, କଟକ ଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା -
ଭାରପ୍ରାପ୍ତ ଅଧିକାରୀ
ଗବ୍ୟଶାଳ, ବୌଦ୍ଧ